# ସତ୍ୟବାଣୀ
# VOICE OF TRUTH

**VOL - XVIII KAKINADA NOV-DEC-2022**


## ମଣ୍ଡଳୀ, ଖ୍ରୀଷ୍ଟଙ୍କ ଶରୀର ଅଟେ
### (The Church is the body of Christ)

ନୂତନ ନିୟମରେ 'ମଣ୍ଡଳୀ'କୁ ବିଭିନ୍ନ ଭାବରେ ବର୍ଣ୍ଣନା କରାଯାଇଅଛି । ଏହିପରି ଭାବେ ବର୍ଣ୍ଣିତ ହେବା ଦ୍ଵାରା, ଆମ୍ଭେମାନେ ମଣ୍ଡଳୀର ଅର୍ଥ ଆହୁରି ସରଳ ଭାବେ ବୁଝିପାରିବା । ସର୍ବପ୍ରଥମେ ମଣ୍ଡଳୀକୁ ଖ୍ରୀଷ୍ଟଙ୍କ ଶରୀର ରୂପେ ବର୍ଣ୍ଣନା କରାଯାଇଅଛି । ପ୍ରେରିତ ପାଉଲ ରୋମୀୟ ମଣ୍ଡଳୀକୁ ଲେଖନ୍ତି, ''କାରଣ ଯେପରି ଏକ ଶରୀର, କିନ୍ତୁ ଅନେକ ଅଙ୍ଗପ୍ରତ୍ୟଙ୍ଗ । ମଣ୍ଡଳୀ ରୂପ ଖ୍ରୀଷ୍ଟଙ୍କ ଶରୀରରୁ ଅନେକ ଅଙ୍ଗପ୍ରତ୍ୟଙ୍ଗ ବୋଲି ସରଳ ଭାବେ ବୁଝାଇ ଦେଇଅଛନ୍ତି । ''ଏକ ଶରୀର ଓ ଏକ ଆତ୍ମା, ଯେଉଁ ରୂପେ ତୁମ୍ଭେମାନେ ତୁମ୍ଭମାନଙ୍କ ଆହ୍ୱାନର ଏକ ଭରସାରେ ମଧ୍ୟ ଆହୂତ ହୋଇଅଛ ।'' (ଏଫିସୀ ୪:୪) । ''ଆଉ, ସେ ମଣ୍ଡଳୀ ରୂପ ଶରୀରର ମସ୍ତକ ସ୍ୱରୂପ, ସେ ଆଦି, ମୃତମାନଙ୍କ ମଧ୍ୟରୁ ପ୍ରଥମଜାତ, ଯେପରି ସମସ୍ତ ବିଷୟରେ ସେ ଅଗ୍ରଗଣ୍ୟ ହୁଅନ୍ତି ।'' (କଲସୀ ୧:୧୮) । ଅତଏବ ଏକ ଶରୀର ଓ ଏକ ମଣ୍ଡଳୀ । ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ଏକତ୍ର ଭାବେ ଶରୀର ନିମନ୍ତେ କାର୍ଯ୍ୟ କରେ । ''ଏକ ଶରୀର ଓ ଏକ ଆତ୍ମା ଯେଉଁ ରୂପେ ତୁମ୍ଭମାନଙ୍କ ଆହ୍ୱାନର ଏକ ଭରସାରେ ଆହୂତ ହୋଇଅଛ, ...ଯେପରି ସାଧୁମାନେ ସେବାକାର୍ଯ୍ୟ ନିମନ୍ତେ ସିଦ୍ଧି ଲାଭ କରନ୍ତି ଓ ଖ୍ରୀଷ୍ଟଙ୍କ ଶରୀର ନିଷ୍ଠା ପ୍ରାପ୍ତ ହୁଏ... ତାହାଙ୍କ ଠାରୁ ସମସ୍ତ ଶରୀର ପ୍ରତ୍ୟେକ ସନ୍ଧିର ସାହାଯ୍ୟ ଦ୍ଵାରା ପୁଣି ପ୍ରତ୍ୟେକ ଅଂଶର କାର୍ଯ୍ୟସାଧକ ଶକ୍ତି ଅନୁସାରେ ସୁଖଚିତ ଓ ସୁସଂଯୁକ୍ତ ହୋଇ ପ୍ରେମରେ ଆପଣାର ନିଷ୍ଠା ନିମନ୍ତେ ନିଜର ବୃଦ୍ଧି ସାଧନ

କରୁଅଛି ।''(ଏଫିସୀ ୪:୪,୧୬) । ''ତାହାଙ୍କ ଠାରୁ ସମସ୍ତ ଶରୀର ପ୍ରତ୍ୟେକ ସନ୍ଧି ଓ ଶିରା ଦ୍ୱାରା ଉପକାର ପ୍ରାପ୍ତ ହୋଇ ପରସ୍ପର ସସଂଯୁକ୍ତ ଅଟେ ଓ ଈଶ୍ୱର ଦତ୍ତ ବୃଦ୍ଧିରେ ବୃଦ୍ଧିପ୍ରାପ୍ତ ହେଉଅଛି ।'' (କଲସୀ ୨:୧୯)

ଅଙ୍ଗପ୍ରତ୍ୟଙ୍ଗ ପରସ୍ପର ସସଂଯୁକ୍ତ ହୋଇ ପରସ୍ପରର ଉପକାର ପାଇ ସୁସ୍ଥ, ସବଳ ଭାବେ ଶରୀରର ସଭ୍ୟ, ଏକ ଆରେକର ସାହାଯ୍ୟ କରି ସବଳ ହୋଇ ମଣ୍ଡଳୀ ଅଭିବୃଦ୍ଧିରେ କାର୍ଯ୍ୟ କରେ ।

ପ୍ରେରିତ ପାଉଲ ରୋମୀୟ ପୁସ୍ତକ ଦ୍ୱାଦଶ ଅଧ୍ୟାୟରେ ଓ ୧ମ କରିନ୍ଥୀ ଦ୍ୱାଦଶ ଅଧ୍ୟାୟରେ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ସଦୃଶ୍ୟ, ମଣ୍ଡଳୀର ସଭ୍ୟମାନେ କିପରି କାର୍ଯ୍ୟ କରନ୍ତି ସରଳ ଭାବେ ବୁଝାଇ ଦେଇଅଛନ୍ତି । କାରଣ ମଣ୍ଡଳୀ ଖ୍ରୀଷ୍ଟଙ୍କ ଆତ୍ମୀୟ ଶରୀର । ଯଦିଓ ଆମ୍ଭେମାନେ ଆମ୍ଭମାନଙ୍କ ଶରୀର ପ୍ରତ୍ୟକ ଅଙ୍ଗପ୍ରତ୍ୟଙ୍ଗର କାର୍ଯ୍ୟ ବିଷୟରେ ସୂକ୍ଷ୍ମ ଭାବେ ଜାଣି ନ ଥାଉଁ, କିନ୍ତୁ ପ୍ରତ୍ୟେକ ସୁସ୍ଥ ଓ ସବଳ ହୋଇ ପାରିଥାଉଁ । କୌଣସି ଏକ ଅଙ୍ଗ ଅସୁସ୍ଥ ହେଲେ, ତାହା ସମସ୍ତ ଶରୀରକୁ ପ୍ରଭାବିତ କରେ ।

ଶାରୀରିକ ଅସୁସ୍ଥତାର ଉଦାହରଣ ନେଇ, ପ୍ରେରିତ ପାଉଲ ଖ୍ରୀଷ୍ଟଙ୍କ ଆତ୍ମିକ ଶରୀରର ସ୍ଥିତି ବିଷୟରେ କହନ୍ତି, ''କାରଣ ଯେପରି ଏକ ଶରୀରରେ ଆମ୍ଭମାନଙ୍କର ଅନେକ ଅଙ୍ଗପ୍ରତ୍ୟଙ୍ଗ ଅଛି, କିନ୍ତୁ ସମସ୍ତ ଅଙ୍ଗପ୍ରତ୍ୟଙ୍ଗର କାର୍ଯ୍ୟ ଏକପ୍ରକାର ନୁହେଁ।'' (ରୋମୀୟ ୧୨:୪) । ପ୍ରତ୍ୟେକ ଅଙ୍ଗପ୍ରତ୍ୟଙ୍ଗର ବିଭିନ୍ନ କାର୍ଯ୍ୟ ଓ ସାମର୍ଥ୍ୟତା ଅଛି ।

ମଣ୍ଡଳୀର ପ୍ରତ୍ୟେକ ସଭ୍ୟ ଆପଣା ଆପଣା ସାମର୍ଥ୍ୟତାନୁଯାୟୀ ମଣ୍ଡଳୀର ନିଷ୍ଠା ନିମନ୍ତେ କାର୍ଯ୍ୟ କରିବା ଆବଶ୍ୟକ । ତାହା କେବଳ ନୁହେଁ, ଈଶ୍ୱରଙ୍କ ସନ୍ତାନରୂପ ସଦାଚରଣ କରୁ । ରୋମୀୟ ୧୨:୯-୨୧ ପଦଗୁଡ଼ିକ ପ୍ରେରିତ ପାଉଲ ମଣ୍ଡଳୀର ପ୍ରତ୍ୟେକ ସଭ୍ୟମାନେ କିପରି କାର୍ଯ୍ୟରେ ନିମଗ୍ନ ରହିବା ଓ କେଉଁ କାର୍ଯ୍ୟରୁ ନିବୃତ୍ତ ରହିବା ଆବଶ୍ୟକ ବର୍ଣ୍ଣନା କରିଅଛନ୍ତି । ଏହି ବାକ୍ୟଗୁଡ଼ିକ ଆମ୍ଭେମାନେ ପାଳନ କଲେ, ଆମ୍ଭେମାନେ ଆତ୍ମିକ ଭାବେ ଅଭିବୃଦ୍ଧି ପାଇପାରିବା ଓ ଅଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ ଆଦର୍ଶମୟ ଜୀବନଯାପନ କରିପାରିବା ।

ଦ୍ୱିତୀୟରେ, ପ୍ରେରିତ ପାଉଲ 'ମଣ୍ଡଳୀ' ଐକ୍ୟତାରେ କାର୍ଯ୍ୟକରିବା ନିମନ୍ତେ ଉତ୍ସାହିତ କରନ୍ତି । ଆଦିମ ମଣ୍ଡଳୀମାନଙ୍କରେ ବାଦବିବାଦ ଥିଲା । (୧ମ କରିନ୍ଥୀ ୧:୧୦) । ସେମାନଙ୍କ ଶାରୀରିକ ମନୋଭାବ ଯୋଗୁଁ ବିଭକ୍ତ ହେଉଥିଲେ । (୧ମ କରିନ୍ଥୀ ୩:୧-୩) ୧ମ କରିନ୍ଥୀ ଦ୍ୱାଦଶ ଅଧ୍ୟାୟରେ ଦଳଭେଦ ସମସ୍ୟାର ସମାଧାନ ସେ ମଣ୍ଡଳୀମାନଙ୍କୁ ଲେଖିଅଛନ୍ତି ।'' କାରଣ ଶରୀର ଏକ ଅଙ୍ଗ ନୁହେଁ, ମାତ୍ର ଅନେକ । ପାଦ ଯଦି କହେ ମୁଁ ତୁମର ନୁହେଁ, ତେଣୁ ଶରୀରର ଅଙ୍ଗ ନୁହେଁ, ତେବେ ଏଥି ସକାଶେ ତାହା ଯେ ଶରୀରର ଅଙ୍ଗ ନୁହେଁ, ତାହା ନୁହେଁ । ....ସମସ୍ତ ଶରୀର ଯଦି ଚକ୍ଷୁ ହୁଏ, ତେବେ ଶ୍ରବଣ କେଉଁଠାରେ, ସମସ୍ତ ଶରୀର ଯଦି କର୍ଣ୍ଣ ହୁଏ, ତେବେ ଆଘ୍ରାଣ କେଉଁଠାରେ ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ତା'ର ସହିତ ଦୁଃଖଭୋଗ କରନ୍ତି, କିମ୍ବା ଗୋଟିଏ ଅଙ୍ଗ ଗୌରବପ୍ରାପ୍ତ ହେଲେ ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ତା'ର ସହିତ ଆନନ୍ଦ କରନ୍ତି । ତୁମ୍ଭେମାନେ ଖ୍ରୀଷ୍ଟଙ୍କ ଶରୀର, ଆଉ ଏକ ଏକ ଜଣ ଏକଏକ ଅଙ୍ଗପ୍ରତ୍ୟଙ୍ଗ ।'' (୧ମ କରିନ୍ଥୀ ୧୨:୨୨-୨୭)

ଯଦିଓ ଆପଣ ଏକ 'ପାଦ' ସ୍ୱରୂପ ଅଟ, ତଥାପି ମଣ୍ଡଳୀ ନିମନ୍ତେ ଆପଣ ପ୍ରୟୋଜନୀୟ । କୌଣସି ଅଙ୍ଗ ବିନୁ, ଶରୀର ସଠିକ୍ ଭାବେ କାର୍ଯ୍ୟ କରି ନ ପାରେ । ବେଳେବେଳେ ଆମ୍ଭେମାନେ ଆପଣା ଆପଣାକୁ ଦୁର୍ବଳ ଓ ଅପ୍ରୟୋଜନୀୟ ବୋଲି ମନେ କଲେ ହେଁ, ସଦାପ୍ରଭୁ ଆମ୍ଭମାନଙ୍କ ଏକ ପ୍ରୟୋଜନୀୟ ପାତ୍ର ରୂପେ ପରିଗଣିତ କରନ୍ତି । ଯେତେବେଳେ ମଣ୍ଡଳୀର ପ୍ରତ୍ୟେକ ଖ୍ରୀଷ୍ଟିୟାନ ଐକ୍ୟତାରେ ରହନ୍ତି ଓ କାର୍ଯ୍ୟ କରନ୍ତି ତାହା କେତେ ଉତ୍ତମ ଓ ମନୋହର । (ଗୀତ ୧୩୩:୧) । ଆସ ଆମ୍ଭେମାନେ ଆମ୍ଭମାନଙ୍କ ଦତ୍ତ ପାତ୍ର ଉତ୍ତମ ରୂପେ ସମ୍ପନ୍ନକରି, ପରମେଶ୍ୱରଙ୍କ ଗୌରବ କରୁ ।

**- Johnle Seaggs Jr.**

❋❋❋

# ଖ୍ରୀଷ୍ଟଙ୍କ ଜନ୍ମ
## (The Birth of Christ)

ଏହି ଜଗତରେ ଶିଶୁ ରୂପେ ଜନ୍ମଗ୍ରହଣ କରିବା ପୂର୍ବରୁ ଯୀଶୁଙ୍କ ଅସ୍ତିତ୍ୱ ଥିଲା । ବାଇବଲର ପ୍ରଥମ ବାକ୍ୟ,''ଆଦ୍ୟରେ ପରମେଶ୍ୱର (ଏବ୍ରୀ ଭାଷାରେElohim ସ୍ୱର୍ଗ ସ୍ୱର୍ଗ ଓ ପୃଥିବୀର ସୃଷ୍ଟି କଲେ ।'' (ଆଦି ୧ : ୧) । Elohim (ପରମେଶ୍ୱର) ଏକ ବହୁବଚନ ପଦ । ପିତା, ପୁତ୍ର ଓ ପବିତ୍ର ଆତ୍ମା ଅନ୍ତର୍ଭୁକ୍ତ ଅଟନ୍ତି । ପ୍ରେରିତ ଯୋହନ ଲେଖନ୍ତି,''ଆଦ୍ୟ ବାକ୍ୟ ଥିଲେ, ବାକ୍ୟ ଈଶ୍ୱରଙ୍କ ସଙ୍ଗରେ ଥିଲେ, ସେହି ବାକ୍ୟ ଈଶ୍ୱର ଥିଲେ । ତାହାଙ୍କ ଦ୍ୱାରା ସମସ୍ତ ସୃଷ୍ଟ ହେଲା; ଆଉ ଯେ ସମସ୍ତ ସୃଷ୍ଟି ହୋଇଅଛି, ସେଥି ମଧ୍ୟରୁ ଗୋଟିଏ ସୁଦ୍ଧା ତାହାଙ୍କ ବିନା ସୃଷ୍ଟି ହୋଇନାହିଁ ।'' (ଯୋହନ ୧ : ୧ -୩) । ଈଶ୍ୱର ପୁରାକାଳରେ ବିଭିନ୍ନ ଭାଗରେ ଓ ବିଭିନ୍ନ ପ୍ରକାରେ ଭାବବାଦୀମାନଙ୍କ ଦ୍ୱାରା ପିତୃପୁରୁଷମାନଙ୍କୁ କଥା କହି, ଏହି ଶେଷକାଳରେ ପୁତ୍ରଙ୍କ ଦ୍ୱାରା ଆମ୍ଭମାନଙ୍କୁ କଥା କହିଅଛନ୍ତି; ତାହାଙ୍କୁ ସେ ଅଧିକାରୀ କରି ନିଯୁକ୍ତ କଲେ ।'' (ଏବ୍ରୀ ୧ : ୧ , ୨) । ତେଣୁକରି ଯୀଶୁ ଯିହୂଦୀମାନଙ୍କୁ କହିଲେ,''.....ସତ୍ୟ ସତ୍ୟ ମୁଁ ତୁମ୍ଭମାନଙ୍କୁ କହୁଅଛି, ଅବ୍ରାହମଙ୍କ ଜନ୍ମ ପୂର୍ବରୁ ମୁଁ ଅଛି ।'' (ଯୋହନ ୮ :୫୮) । ପ୍ରେରିତ ପାଉଲ କଲସୀ ମଣ୍ଡଳୀକୁ ଲେଖନ୍ତି, ''ସମସ୍ତ ବିଷୟ ସୃଷ୍ଟ ହେବା ପୂର୍ବରୁ ସେ ଅଛନ୍ତି ଓ ତାହାଙ୍କ ଠାରେ ସମସ୍ତ ବିଷୟର ଅସ୍ତିତ୍ୱ ଅଛି ।'' (କଲସୀ ୧ : ୧୯) ଯୀଶୁଖ୍ରୀଷ୍ଟଙ୍କ କ୍ରୁଶାର୍ପିତ ହେବାର ପୂର୍ବ ରାତ୍ରୀରେ ପିତାଙ୍କ ଠାରେ ପ୍ରାର୍ଥନା କରି କହିଲେ, ''ଆଉ, ଏବେ, ହେ ପିତା, ଜଗତର ସୃଷ୍ଟି ପୂର୍ବେ ତୁମ୍ଭ ସହିତ ମୋହର ଯେଉଁ ମହିମା ଥିଲା, ତଦ୍ୱାରା ତୁମ୍ଭେ ମୋତେ ତୁମ୍ଭ ସହିତ ମହିମାନ୍ୱିତ କର ।'' (ଯୋହନ ୧୭:୩, ଫିଲିପି ୨:୬, କଲସୀ ୧ : ୧୫, ଏବ୍ରୀ ୧ :୩)

ଦ୍ୱିତୀୟରେ, ସୃଷ୍ଟିକର୍ତ୍ତା ଏହି ଜଗତରେ ଜନ୍ମଗ୍ରହଣ କରିବାର ୪୦୦୦ ବର୍ଷ ପୂର୍ବେ ଭାବବାଣୀ ଦ୍ୱାରା ପ୍ରକଟିତ ହୋଇଥିଲା । ପରମେଶ୍ୱର ସର୍ପକୁ କହିଲେ, ''ଆଉ ଆମ୍ଭେ ତୁମ୍ଭର ଓ ଶରୀର ମଧ୍ୟରେ, ପୁଣି ତୁମ୍ଭ ବଂଶ ଓ ତାଙ୍କ ବଂଶ ମଧ୍ୟରେ ବୈରଭାବ ଜନ୍ମାଇବା; ସେ ତୁମ୍ଭର ମସ୍ତକକୁ ଆଘାତ କରିବେ ଓ ତୁମ୍ଭେ ତାହାଙ୍କ

ଗୋଇଠିକି ଆଘାତ କରିବ ।'' (ଆଦି ୩:୧୫) । ଶୟତାନର କାର୍ଯ୍ୟକୁ ବିନାଶ କରିବା ନିମନ୍ତେ ଯୀଶୁଖ୍ରୀଷ୍ଟଙ୍କୁ ଏହି ଜଗତରେ କନ୍ୟା ଗର୍ଭରୁ ଜନ୍ମ ହେବା ଆବଶ୍ୟକତା ଥିଲା । ଯିଶାଇୟ ଭବିଷ୍ୟଦବକ୍ତା ପ୍ରକଟ କରିଥିଲେ, ''ଏହେତୁ ପ୍ରଭୁ ଆପେ ତୁମ୍ଭମାନଙ୍କୁ ଏକ ଚିହ୍ନ ଦେବେ; ଦେଖ ଏକ କନ୍ୟା ଗର୍ଭବତୀ ହୋଇ ଏକ ପୁତ୍ର ପ୍ରସବ କରିବ ଓ ତାହାର ନାମ ଇମ୍ମାନୁୟେଲ (ଆମ୍ଭମାନଙ୍କ ସହିତ ପରମେଶ୍ୱର) ରଖିବ ।'' (୭:୧୪) । ପୁନର୍ବାର ସେ କହନ୍ତି ଆମ୍ଭମାନଙ୍କ ନିମନ୍ତେ ଏକ ବାଳକ ଜନ୍ମିଅଛନ୍ତି, ଆମ୍ଭେମାନଙ୍କୁ ଏକ ପୁତ୍ରଦତ୍ତ ହୋଇଅଛନ୍ତି ଓ ତାହାଙ୍କ ସ୍କନ୍ଧରେ କର୍ତ୍ତବ୍ୟଭାର ଥୁଆଯିବ; ପୁଣି ତାହାଙ୍କର ନାମ ଆଶ୍ଚର୍ଯ୍ୟ, ମନ୍ତ୍ରୀ, ପରାକ୍ରାନ୍ତ ପରମେଶ୍ୱର, ଅନନ୍ତକାଳୀନ ପିତା, ଶାନ୍ତିରାଜା ହେବ । (୯:୬) ପରମେଶ୍ୱରଙ୍କ ଦୃଷ୍ଟିରେ ଅନୁଗ୍ରାହୀ ପାତ୍ରୀ ମରିୟମ ନିକଟକୁ ଗାବ୍ରୀୟେଲ ଦୂତ ପ୍ରେରିତ ହୋଇଥିଲେ । ସେ ତାହାଙ୍କୁ କହିଲେ,''ଆଉ ଦେଖ, ତୁମ୍ଭେ ଗର୍ଭଧାରଣ କରି ଗୋଟିଏ ପୁତ୍ର ପ୍ରସବ କରିବ ଓ ତାହାଙ୍କ ନାମ ଯୀଶୁ ଦେବ ।'' (ଲୂକ ୧:୩୧)

ତୃତୀୟରେ, ଯୀଶୁଖ୍ରୀଷ୍ଟ ଭବିଷ୍ୟଦବାଣୀ ସଫଳାର୍ଥେ ଏହି ଧାରାରେ ଜନ୍ମ ନେଇଥିଲେ । (ଲୂକ ୨:୬-୨୦, ମାଥିଉ ୧:୧୬-୨୫) (୧) ଯୀଶୁ, ଏକ କନ୍ୟାଙ୍କ ଗର୍ଭରୁ ଜନ୍ମଗ୍ରହଣ କରିଥିଲେ । (୨) ଦାଉଦ ନଗରୀ ବେଥଲିହିମରେ ଜନ୍ମଗ୍ରହଣ କରିଥିଲେ । (ମୀଖା ୫:୨; ଲୂକ ୨:୪, ୧୧,୧୫) ସେ ମରିୟମଙ୍କ ପ୍ରଥମଜାତ (ଲୂକ ୨:୭) । ସେ ହେରୋଦ ରାଜାଙ୍କ ରାଜୁତିରେ ଜନ୍ମଗ୍ରହଣ କରିଥିଲେ। (ମାଥିଉ ୨:୧) । ତାହାଙ୍କ ଜନ୍ମ ବିଷୟରେ ସ୍ୱର୍ଗୀୟ ଦୂତମାନେ ମେଷପାଳକମାନଙ୍କୁ ଜଣାଇଥିଲେ । (ଲୂକ ୨:୮-୧୫) । ସେ ଆପଣା ପ୍ରଜାଙ୍କୁ ସେମାନଙ୍କ ପାପରୁ ରକ୍ଷା କରିବାକୁ ଏହି ଜଗତରେ ଜନ୍ମଗ୍ରହଣ କରିଥିଲେ । (ଲୂକ ୨:୧୧; ମାଥିଉ ୧:୨୧)। ତାହାଙ୍କ ବିଷୟକ ଭାବବାଣୀ ସମସ୍ତ ସଫଳ ହୋଇଅଛି ।

ଚତୁର୍ଥରେ, ଯୀଶୁଖ୍ରୀଷ୍ଟଙ୍କୁ ବାକ୍ୟରେ ବିଭିନ୍ନ ନାମରେ ଉଲ୍ଲେଖିତ ହୋଇଅଛନ୍ତି (୧) ଯୀଶୁ (ମାଥିଉ ୧:୨୧,୨୫) (୨) ଇମ୍ମାନୁୟେଲ, ଅର୍ଥାତ୍ ଆମ୍ଭମାନଙ୍କ ସହିତ ଈଶ୍ୱର (ମାଥିଉ ୧:୨୩, ଯିଶାଇୟ ୭:୧୪; ୧ମ ତୀମଥି ୩:୧୬)

ପରାତ୍ପର ଈଶ୍ୱରଙ୍କ ପୁତ୍ର (ହୋଶେୟ ୧:୧, ୬:୧୧,ମାଥିଉ ୨:୧୫), ମନୁଷ୍ୟ ପୁତ୍ର (ମାଥିଉ ୧୧:୧୯), କ ଓ କ୍ଷ (ପ୍ର.ବା. ୧:୮), ଖ୍ରୀଷ୍ଟ (ମାଥିଉ ୨:୪), ଈଶ୍ୱରଙ୍କ ବାକ୍ୟ କିଅବା ଜୀବନର ବାକ୍ୟ (ଯୋହନ ୧:୧-୩), ୧ମ ଯୋହନ ୧:୧, ୫:୭), ଈଶ୍ୱରଙ୍କ ମେଷ ଶାବକ (ଯୋହନ ୧:୨୯, ପ୍ର.ବା. ୫:୬, ୧୨,୧୩), ଉତ୍ତମ ମେଷପାଳକ (ଯୋହନ ୧୦:୧୪), ପ୍ରଧାନ ମେଷପାଳକ (୧ମ ପିତର ୫:୪), ତ୍ରାଣକର୍ତ୍ତା (ଲୁକ ୨:୧୧), ପ୍ରଭୁ (ଲୁକ ୨:୧୧), ମଶୀୟ (ଯୋହନ ୧:୪୧), ନାଜରତୀୟ (ମାଥିଉ ୨:୨୩), ଆଶ୍ଚର୍ଯ୍ୟ,ମ ନ୍ତ୍ରୀ, ପରମେଶ୍ୱର ଈଶ୍ୱର, ଅନନ୍ତକାଳୀନ ପିତା, ଶାନ୍ତିରାଜା (ଯିଶାଇୟ ୯:୬) । ଯୀଶୁ ପଥ, ସତ୍ୟ ଓ ଜୀବନ ଅଟନ୍ତି । (ଯୋହନ ୧୪:୬)

ପଞ୍ଚମରେ, ସେ ଜ୍ଞାନରେ ବୃଦ୍ଧି ପାଇଥିଲେ, (ଲୁକ ୨:୫୨) । ସେ ଭାବବାଦୀ (ପ୍ରେରିତ ୩:୨୨, ୨୩, ୭:୩୭) ଯାଜକ (ଏବ୍ରୀ ୨:୧୭, ୩:୧, ୪:୧୪), ରାଜା (ପ୍ରେରିତ ୧୮:୯, ୧୯:୧୯; ପ୍ର:ବା: ୧୭:୧୪, ୧୯:୧୬) । ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କ ବିଚାରକର୍ତ୍ତା (୨ ତୀମଥି ୪:୧, ପ୍ରେରିତ ୪:୧; ପ୍ରେରିତ ୧୭:୩୦,୩୧) ସେ ଆପଣାର ଅମୂଲ୍ୟ ରକ୍ତ ଦେଇ ଆମ୍ଭମାନଙ୍କୁ କ୍ରୟ କରି ଅଛନ୍ତି । (ମାଥିଉ ୨୬:୨୬-୨୯, ୧ମ ପିତା ୧:୧୮,୧. ଯୋହନ ୩:୧୬) ସେ ତାହାଙ୍କ ପୁନଃରୁଥାନର ଶକ୍ତି ଦ୍ୱାରା ଈଶ୍ୱରଙ୍କ ପୁତ୍ର ରୂପେ ପ୍ରମାଣିତ ହୋଇଅଛନ୍ତି। (ରୋମୀୟ ୧:୪, ୧ମ କରିନ୍ଥୀ ୧୫:୧-୨୨)

ମରିୟମଙ୍କ ସ୍ୱର ଶୁଣି, ଏଲିଶାବେଥ୍ ଗର୍ଭରେ ଥିବା ଶିଶୁ ଯୋହନ ଖୁସିରେ ନାଚି ଉଠିଥିଲେ । (ଲୁକ ୧:୪୧) ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ପ୍ରତ୍ୟେକ ମନୁଷ୍ୟ ନିମନ୍ତେ ଆନନ୍ଦଦାୟକ ସମାଚାର । ଅଖ୍ରୀଷ୍ଟିୟାନମାନେ ତାହାଙ୍କ ବାକ୍ୟରେ ବିଶ୍ୱାସ, ମନପରିବର୍ତ୍ତନ ଓ ସ୍ୱୀକାର କରି ବାପ୍ତିଜିତ ହେବା ଆବଶ୍ୟକ, ଏପରି ଭାବେ ପାପରୁ ମୁକ୍ତ ହେବା ଖ୍ରୀଷ୍ଟିୟାନମାନଙ୍କୁ ଖ୍ରୀଷ୍ଟ ଆପଣା ଶରୀରରୂପ ମଣ୍ଡଳୀରେ ଯୋଗ କରାନ୍ତି । ଜୀବନରୂପ ମୁକୁଟ ପ୍ରାପ୍ତ ହେବା । ମେଷପାଳକମାନେ ଶିଶୁ ଯୀଶୁଙ୍କୁ ଦେଖି ଆନନ୍ଦିତ ହେଲା ପରି ଜ୍ଞାନୀମାନଙ୍କ ସଦୃଶ୍ୟ ତାହାଙ୍କ ନିକଟକୁ ଯାଉ ।

***- James Pilgrim***

❋❋❋

# ତ୍ରିଏକ ପରମେଶ୍ୱର
## (Godhead)

ପବିତ୍ର ଶାସ୍ତ୍ରାନୁଯାୟୀ ପରମେଶ୍ୱର ଏକ ଅଟନ୍ତି । ଦ୍ୱିତୀୟରେ ପିତା ପରମେଶ୍ୱର, ପୁତ୍ର ପରମେଶ୍ୱର ଓ ପବିତ୍ର ଆତ୍ମା ଐଶ୍ୱରିକତ୍ୱର ତିନୋଟି ବ୍ୟକ୍ତିତ୍ୱ ଅଟନ୍ତି ।

ସଦାପ୍ରଭୁ ପିତା ପରମେଶ୍ୱର ଅଟନ୍ତି । ଦ୍ୱିତୀୟ ବ୍ୟକ୍ତି ପୁତ୍ର ପରମେଶ୍ୱର ଅଟନ୍ତି, ଯେ କି ଈଶ୍ୱରଙ୍କ ବାକ୍ୟ ରୂପେ ପରିଚିତ । ଯୋହନ ୧ : ୧ ପଦରେ ଲେଖାଯାଏ, ''ଆଦ୍ୟରେ ବାକ୍ୟ ଥିଲେ, ବାକ୍ୟ ଈଶ୍ୱରଙ୍କ ସଙ୍ଗରେ ଥିଲେ, ବାକ୍ୟ ରୂପୀ ପରମେଶ୍ୱର ଅନନ୍ତ ପରମେଶ୍ୱର ଅଟନ୍ତି । ସେହି ବାକ୍ୟ ରୂପୀ ପରମେଶ୍ୱର, ପିତା ପରମେଶ୍ୱରଙ୍କ 'ସଙ୍ଗରେ' ଥିଲେ ବୋଲି ଏହି ବାକ୍ୟ କହେ । ୧୪ମ ପଦରେ ଲେଖାଯାଏ, ''ଆଉ ସେହି ବାକ୍ୟ ଦେହବନ୍ତ ହେଲେ, ପୁଣି ଅନୁଗ୍ରହ ଓ ସତ୍ୟରେ ପରିପୂର୍ଣ୍ଣ ହୋଇ ଆମ୍ଭମାନଙ୍କ ମଧ୍ୟରେ ବାସ କଲେ, ଆଉ ପିତାଙ୍କ ଠାରୁ ଆଗତ ଅଦ୍ୱିତୀୟ ପୁତ୍ରଙ୍କ ମହିମା ସଦୃଶ୍ୟ ଆମ୍ଭେମାନେ ତାହାଙ୍କ ମହିମା ଦେଖିଲୁ ।

ପିତା, ପୁତ୍ର ଓ ପବିତ୍ର ଆତ୍ମା ଐଶ୍ୱରିକତ୍ୱର ବିଭିନ୍ନ ହେଲେ ହେଁ, ପବିତ୍ର ଶାସ୍ତ୍ରରେ ଅନେକ ସମୟରେ ଏକତ୍ର ଉଲ୍ଲେଖ କରାଯାଇଅଛି । ଯୀଶୁଙ୍କ ଯର୍ଦ୍ଦନ ନଦୀରେ ବାପ୍ତିସ୍ମ ଦେବା ସମୟରେ ପିତା ପରମେଶ୍ୱର ସ୍ୱର୍ଗରୁ ପିତା ପରମେଶ୍ୱର କହିଲେ,''.....ଏ ଆମ୍ଭର ପ୍ରିୟ ପୁତ୍ର, ଏହାଙ୍କ ଠାରେ ଆମ୍ଭର ପରମ ସନ୍ତୋଷ ।'' ଏବଂ ଯୀଶୁଖ୍ରୀଷ୍ଟ ବାପ୍ତିଜିତ ହୋଇ ଜଳରୁ ଉଠି ଆସିବା ସମୟରେ ପବିତ୍ର ଆତ୍ମା କପୋତ ପରି ତାହାଙ୍କ ଉପରେ ଅବତରଣ କରିଥିଲେ ।'' (ମାଥିଉ ୩:୧୭ ଓ ୧୬) ''ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଅନୁଗ୍ରହ, ଈଶ୍ୱରଙ୍କ ଓ ପବିତ୍ର ଆତ୍ମାଙ୍କ ସହଭାଗିତା ତୁମ୍ଭ ସମସ୍ତଙ୍କ ବୋଲି ପ୍ରେରିତ ପାଉଲ ଲେଖି ପତ୍ର ସମାପ୍ତ କରନ୍ତି । (୨ କରିନ୍ଥୀ ୧୩:୧୪)

''ଏକ ଶରୀର (ମଣ୍ଡଳୀ) ଓ ଏକ ଆତ୍ମା ଏକ ପ୍ରଭୁ,....ଏକ ଈଶ୍ୱର ଓ ପିତା....'' (ଏଫିସୀ ୪:୪-୬)

## ଯୀଶୁ କିଏ ?

"ହେ ଇସ୍ରାଏଲୀୟ ଲୋକମାନେ, ଏହି ସମସ୍ତ କଥା ଶୁଣନ୍ତି, ନାଜରିତୀୟ ଯୀଶୁ ନାନା ଶକ୍ତିର କାର୍ଯ୍ୟ, ଅଦ୍ଭୁତ କର୍ମ ଓ ଲକ୍ଷଣ ଦ୍ୱାରା ଆପଣମାନଙ୍କ ନିକଟରେ ପ୍ରେରିତ ବ୍ୟକ୍ତି ବୋଲି ପ୍ରମାଣିତ ହୋଇଅଛନ୍ତି, ତାହାଙ୍କ ଦ୍ୱାରା ଇଶ୍ୱର ଯେ ଆପଣମାନଙ୍କ ମଧ୍ୟରେ ଏହି ସମସ୍ତ କର୍ମ କରିଅଛନ୍ତି, ଏହା ଆପଣମାନେ ନିଜେ ନିଜେ ଜାଣନ୍ତି ; ସେହି ବ୍ୟକ୍ତି ଇଶ୍ୱରଙ୍କ ନିରୁପିତ ସଂକଳ୍ପ ଓ ପୂର୍ବାଜ୍ଞାନୁସାରେ ସମର୍ପିତ ହୁଅନ୍ତେ, ଆପଣମାନେ ତାହାଙ୍କୁ ଅଧାର୍ମିକମାନଙ୍କ ହସ୍ତ ଦ୍ୱାରା କ୍ରୁଶାରୋପଣ କରି ବଧ କରିଥିଲେ......।" (ପ୍ରେରିତ ୨:୨୨-୨୩)

ଯୀଶୁଖ୍ରୀଷ୍ଟଙ୍କ କୃତ ଅନେକ ଆଶ୍ଚର୍ଯ୍ୟକର୍ମ ସକାଶେ, ଅନେକେ ତାହାଙ୍କ ପ୍ରତି ଆକର୍ଷିତ ହେଉଥିଲେ । ଅନେକ ପ୍ରାନ୍ତରରୁ ବହୁ ଜନସମାଜ ତାହାଙ୍କ ନିକଟକୁ ଆସି, ତାହାଙ୍କ ବାକ୍ୟ ଶୁଣୁଥିଲେ, ରୋଗୀମାନେ ସୁସ୍ଥ ହୋଇଥିଲେ । ଯିହୂଦୀମାନଙ୍କ ନେତା ନୀକଦୀମ ଏକ ରାତ୍ରୀ ସମୟରେ ତାହାଙ୍କ ନିକଟକୁ ଆସି କହିଲେ, "...ହେ ଗୁରୁ, ଆପଣ ଯେ, ଇଶ୍ୱରଙ୍କ ଠାରୁ ଆଗତ ଗୁରୁ, ଆମ୍ଭେମାନେ ଜାଣୁ, କାରଣ ଅପାଣ ଏହି ଯେଉଁ ଆଷ୍ଚର୍ଯ୍ୟକର୍ମ କରିଅଛନ୍ତି, ଇଶ୍ୱର ସଙ୍ଗରେ ନଥିଲେ, ସେହିସବୁ କେହି କରିପାରିବେ ନାହିଁ ।" (ଯୋହନ ୩:୨)

ମନୁଷ୍ୟ ଜୀବନର ସମସ୍ତ ଦୁଃଖ, କଷ୍ଟ, ଯନ୍ତଣା ସେ ଏହି ଜଗତରେ ଥିବା ସମୟରେ ଅନୁଭବ କରିଥିଲେ । ତାହାଙ୍କ ପ୍ରିୟ ବନ୍ଧୁମାନଙ୍କ ମଧ୍ୟରୁ ଜଣେ ପ୍ରତାରଣା କରିଥିଲା । ପିତର ଯେ କି ତାହାଙ୍କ ଅନ୍ତରଙ୍ଗ ବନ୍ଧୁ ଥିଲେ, ସେ ତାହାଙ୍କୁ ଅସ୍ୱୀକାର କରିଥିଲେ । ସେ ସମସ୍ତ କଷ୍ଟ, ଓ ଅପମାନ ଆମ୍ଭମାନଙ୍କ ନିମନ୍ତେ ସହ୍ୟ କରିଥିଲେ ।

ବାଇବଲରେ ଲେଖାଯାଏ, "ଆଉ, ସେ ଆମ୍ଭମାନଙ୍କ ପାପ ନିମନ୍ତେ, କେବଳ ଆମ୍ଭମାନଙ୍କ ପାପ ନିମନ୍ତେ ନୁହେଁ, ମାତ୍ର ସମସ୍ତ ଜଗତର ପାନ ନିମନ୍ତେ ମଧ୍ୟ ପ୍ରାୟଚିତ ସ୍ୱରୂପ ଅଟନ୍ତି ।" (୧ମ ଯୋହନ ୨:୨) । ଯୀଶୁଖ୍ରୀଷ୍ଟ ମାନବ ସମାଜର ମୁକ୍ତି ନିମନ୍ତେ ଆପଣା ପ୍ରାଣ ଉତ୍ସର୍ଗ କରିଥିଲେ ।

ଯୀଶୁଖ୍ରୀଷ୍ଟ, ମଣ୍ଡଳୀସେବକଙ୍କ ସଦୃଶ୍ୟ ଅନନ୍ତକାଳୀନ ପ୍ରଧାନ ଯାଜକ ଅଟନ୍ତି । (ଏବ୍ରୀ ୫:୬) ଅର୍ଥାତ୍ ତାହାଙ୍କ ଯାଜକତ୍ୱ ଲେବୀ ବଂଶଜ ନୁହେଁ । ତାହାଙ୍କ ଯାଜକତ୍ୱର ଆରମ୍ଭ କିଅବା ଶେଷ ନାହିଁ । ''ଆମ୍ଭେମାନେ ଈଶ୍ୱରଙ୍କ ସନ୍ତାନ ବୋଲି ସେହି ଆତ୍ମା ସ୍ୱୟଂ ଆମ୍ଭମାନଙ୍କ ଆତ୍ମା ସହିତ ସାକ୍ଷ୍ୟ ପ୍ରଦାନ କରନ୍ତି । ଆଉ ଯଦି ସନ୍ତାନ, ତେବେ ଉତ୍ତରାଧିକାରୀ ଅର୍ଥାତ୍ ଯଦି ଖ୍ରୀଷ୍ଟଙ୍କ ସହିତ ଗୌରବାନ୍ୱିତ ମଧ୍ୟ ହେବା ନିମନ୍ତେ ଆମ୍ଭେମାନେ ତାହାଙ୍କ ସହିତ ସାଙ୍ଗରେ ଦୁଃଖଭୋଗ କରୁ, ତେବେ ଈଶ୍ୱରଙ୍କ ଉତ୍ତରାଧିକାରୀ ଓ ଖ୍ରୀଷ୍ଟଙ୍କ ସହିତ ସହ ଉତ୍ତରାଧିକାରୀ ଅଟୁ ।'' (ରୋମୀୟ ୮:୧୬-୧୭) । ଅର୍ଥାତ୍, ଆମ୍ଭମାନଙ୍କ ଜ୍ୟେଷ୍ଠ ଭ୍ରାତା ଅଧିକାର ସ୍ୱରୂପ ପିତା ପରମେଶ୍ୱରଙ୍କ ଠାରୁ ଯାହା ଯାହା ପାଇବେ, ଆମ୍ଭେମାନେ ସେଥିର ସହ ଉତ୍ତରାଧିକାରୀ ଅଟୁ, ସୁନ୍ଦର ଓ ଗୌରବମୟ ସ୍ୱର୍ଗ ଆମ୍ଭମାନଙ୍କ ଜ୍ୟେଷ୍ଠ ଭ୍ରାତା ଆମ୍ଭମାନଙ୍କ ପ୍ରଭୁ ଯୀଶୁଙ୍କର ତଥା ଆମ୍ଭମାନଙ୍କର ।

ସେ ଆମ୍ଭମାନଙ୍କ ନିମନ୍ତେ ଆପଣାକୁ ଉତ୍ସର୍ଗ କରିଥିଲେ ଓ ଆମ୍ଭମାନଙ୍କ ନିମନ୍ତେ ଏକ ସିଦ୍ଧ ଆଦର୍ଶ ଅଟନ୍ତି । ବର୍ତ୍ତମାନ ସେ ସ୍ୱର୍ଗରେ ପିତାଙ୍କ ଦକ୍ଷିଣ ପାର୍ଶ୍ୱରେ ଉପବେଶନ ହୋଇ ଆମ୍ଭମାନଙ୍କ ନିମନ୍ତେ ପିତାଙ୍କ ଠାରେ ସମକ୍ଷବାଦ କରୁଅଛନ୍ତି । ସେ ପୁତ୍ର ପରମେଶ୍ୱର ଅଟନ୍ତି, ଯିହୂଦୀ ଜାତି ଅପେକ୍ଷାରେ ଥିବା ମଶୀହ, ଆମ୍ଭମାନଙ୍କ ମହାଯାଜକ ଅଟନ୍ତି । ସେ ହିଁ ନାଜରିତୀୟ ଯୀଶୁ ଅଟନ୍ତି, ଜଗତର ତ୍ରାଣକର୍ତ୍ତା ।

**- *Cecil May Jr.***

❋❋❋

# ଅପେକ୍ଷାରେ
## (Waiting)

ଛଅ ହଜାର ବର୍ଷ ପୂର୍ବେ ଏହା, ଏଦନ ଉଦ୍ୟାନରେ ଆରମ୍ଭ ହୋଇଥିଲା । ସର୍ପରୂପୀ ଶୟତାନ ଆମ୍ଭମାନଙ୍କ ଆଦିମାତାଙ୍କୁ ପ୍ରତାରଣା କରିଥିଲା । ଶୟତାନ ବିଷୟରେ ବାକ୍ୟରେ ଲେଖାଯାଏ, ''ସେ ସେହି ସର୍ପ । ସେହି ପୁରାତନ ନାଗ ଅର୍ଥାତ୍ ଜିଆବଳ ଓ ଶୟତାନକୁ...'' (ପ୍ର:ବା: ୨୦:୨) । ସେ ସମୟରେ ସଦାପ୍ରଭୁ ସର୍ପକୁ କହିଲେ, ଆଉ ଆମ୍ଭେ ତୁମ୍ଭର ଓ ନାରୀଙ୍କ ମଧ୍ୟରେ, ପୁଣି ତୁମ୍ଭ ବଂଶ ଓ ତାଙ୍କ ବଂଶ ମଧ୍ୟରେ ବୈରଭାବ ଜନ୍ମାଇବା । ସେ ତୁମ୍ଭର ମସ୍ତକକୁ ଆଘାତ କରିବେ ଓ ତୁମ୍ଭେ ତାହାଙ୍କ ଗୋଇଠିକି ଆଘାତ କରିବ ।'' (ଆଦି ୩:୧୫) ପୁରାତନ ଜଗତ, ସେହି ନାରୀର ବଂଶଜାତ ତ୍ରାଣକର୍ତ୍ତାଙ୍କ ଅପେକ୍ଷାରେ ଥିଲା ।

ସଦାପ୍ରଭୁ ପରମେଶ୍ୱର ଆଦିପିତା ଅବ୍ରାହମଙ୍କୁ ପ୍ରତିଜ୍ଞା କରି କହିଥିଲେ, ''ପୁଣି ପୃଥିବୀସ୍ଥ ସମସ୍ତ ଜାତି ତୁମ୍ଭର ବଂଶ ଦ୍ୱାରା ଆଶୀର୍ବାଦ ପ୍ରାପ୍ତ ହେବେ, ଯେହେତୁ ତୁମ୍ଭେ ଆମ୍ଭର ବାକ୍ୟ ପାଳନ କରିଅଛ ।'' (ଆଦି ୨୨:୧୮) ଅବ୍ରାହମଙ୍କ ବଂଶଜାତ ପରିତ୍ରାଣକର୍ତ୍ତାଙ୍କ **ଅପେକ୍ଷା**ରେ ରହିଲେ । ''ଶିଯୋନର ଶାନ୍ତି କର୍ତ୍ତାଙ୍କର ଆଗମନ ପର୍ଯ୍ୟନ୍ତ ଯିହୂଦା ଠାରୁ ରାଜଦଣ୍ଡ ଓ ତାହାରଚରଣଦ୍ୱୟ ମଧ୍ୟରୁ ବିଚାରକର୍ତ୍ତାର ଯଷ୍ଟି ଯିବ ନାହିଁ; ତାହାଙ୍କ ନିକଟରେ ଲୋକମାନେ ଅଧୀନତା ସ୍ୱୀକାର କରିବେ ।'' (ଆଦି ୪୯:୧୦) ବୋଲି ଯାକୁବ ଆପଣା ପୁତ୍ର ଯିହୂଦାଙ୍କୁ ଆଶୀର୍ବାଦ କରିଥିଲେ । ଯିହୂଦା ବଂଶଜାତ ପରିତ୍ରାଣକର୍ତ୍ତାଙ୍କ **ଅପେକ୍ଷା**ରେ ଯିହୂଦା ଜାତି ରହିଲେ ।

ଦାଉଦ ରାଜା ଯିହୂଦା ବଂଶଜ ଥିଲେ । ନାଦନ ଭବିଷ୍ୟଦବକ୍ତାଙ୍କ ଦ୍ୱାରା ସଦାପ୍ରଭୁ ଦାଉଦଙ୍କୁ କହିଥିଲେ, ''ତୁମ୍ଭର ଦିନ ପୂର୍ଣ୍ଣ ହେଲେ, ତୁମ୍ଭ ଔରସଜାତ ବଂଶକୁ ତୁମ୍ଭ ଉତ୍ତାରେ ସ୍ଥାପନ କରିବା ଓ ଦାଉଦଙ୍କ ମୃତ୍ୟୁ ପରେ ଇସ୍ରାଏଲ ଜାତି ପରିତ୍ରାଣ କର୍ତ୍ତାଙ୍କ ଅପେକ୍ଷାରେ ଥିଲେ । ଯିଶାଇୟ ଭବିଷ୍ୟଦବକ୍ତା ପ୍ରକଟ କରି କହିଥିଲେ, ''ଏହେତୁ ପ୍ରଭୁ ଆପେ ତୁମ୍ଭମାନଙ୍କୁ ଏକ ପୁତ୍ର ଦେବେ, ଦେଖ ଏକ

କନ୍ୟା ଗର୍ଭବତୀ ହୋଇ ଏକ ପୁତ୍ର ପ୍ରସବ କରିବ ଓ ତାହାର ନାମ ଇମ୍ମାନୁୟେଲ (ଆମ୍ଭମାନଙ୍କ ସହିତ ପରମେଶ୍ୱର) ରଖିବା ।'' ....କାରଣ ଆମ୍ଭମାନଙ୍କ ନିମନ୍ତେ ଏକ ବାଳକ ଜନ୍ମିଅଛନ୍ତି, ଆମ୍ଭମାନଙ୍କୁ ଏକ ପୁତ୍ର ଦତ୍ତ ହୋଇଅଛନ୍ତି ଓ ତାହାଙ୍କ ସ୍କନ୍ଧରେ କର୍ତ୍ତୃତ୍ୱ ଭାର ଥୁଆଯିବ, ପୁଣି, ତାହାଙ୍କର ନାମ ଆଶ୍ଚର୍ଯ୍ୟ, ମନ୍ତ୍ରୀ, ପରାକ୍ରାନ୍ତ ପରମେଶ୍ୱର, ଅନନ୍ତକାଳୀନ ପିତା ଓ ଶାନ୍ତିରାଜା ହେବ ।'' (ଯିଶାଇୟ ୭:୧୪ ଓ ୯:୬) । ଏହି ଭବିଷ୍ୟତବାଣୀ ପରେ, ଇସ୍ରାଏଲ ଜାତି ସାତଶହ ବର୍ଷ **ଅପେକ୍ଷା**ରେ ରହିଲେ ।

ତାହାଙ୍କ **ଅପେକ୍ଷା**ର ଅନ୍ତ ହେଲା, କିନ୍ତୁ କାଳ ସମ୍ପୂର୍ଣ୍ଣ ହୁଅନ୍ତେ, ଈଶ୍ୱର ଆପଣା ନିକଟକୁ ନିଜ ପୁତ୍ରଙ୍କୁ ପ୍ରେରଣ କଲେ, ସେ ସ୍ତ୍ରୀଜାତ ହୋଇ ବ୍ୟବସ୍ଥାଧିନ ହେଲେ,.....'' (ଗାଲାତୀ ୪:୪) । ସ୍ୱର୍ଗୀୟ ଦୂତଗଣ ବେଥଲିହିମରେ ତ୍ରାଣକର୍ତ୍ତାଙ୍କ ଜନ୍ମ ବିଷୟରେ ଘୋଷଣା କରି କହିଲେ, ... ଭୟ କର ନାହିଁ, ଦେଖ, ମୁଁ ସମସ୍ତ ଲୋକଙ୍କର ଅତ୍ୟନ୍ତ ଆନନ୍ଦଜନକ ସୁସମାଚାର ତୁମ୍ଭମାନଙ୍କୁ ଜଣାଉଅଛି, କାରଣ ଆଜି ଦାଉଦଙ୍କ ନଗରରେ ତୁମ୍ଭମାନଙ୍କ ନିମନ୍ତେ ତ୍ରାଣକର୍ତ୍ତା ଜନ୍ମଗ୍ରହଣ କରିଅଛନ୍ତି, ସେ ଖ୍ରୀଷ୍ଟ ପ୍ରଭୁ ।'' (ଲୂକ ୨:୧୦-୧୧)

କିନ୍ତୁ ଦୁଃଖର ବିଷୟ ଏହିକି ଯେ, ''ସେ ଆପଣା ରାଜ୍ୟକୁ ଆସିଲେ, ତଥାପି ତାହାଙ୍କର ନିଜ ଲୋକମାନେ ତାହାଙ୍କୁ ଗ୍ରହଣ କଲେ ନାହିଁ । (ଯୋହନ ୧:୧୧) ସେ ତୁଚ୍ଛୀକୃତ ହୋଇ କ୍ରୁଶରେ ହତ ହେଲେ । କିନ୍ତୁ, 'ସେ' ତୃତୀୟ ଦିନରେ ମୃତ୍ୟୁକୁ ଜୟ କରି ପୁନଃଜୀବିତ ହେଲେ । 'ସେ' ଏହି ଜଗତରେ ୪୦ ଦିନ ରହି ପିତାଙ୍କ ନିକଟକୁ ସ୍ୱର୍ଗାରୋହଣ କଲେ । ସେ ଆପଣା ଅନୁଚରମାନଙ୍କୁ ପ୍ରତିଜ୍ଞା କରି କହିଅଛନ୍ତି । ''ପୁଣି, ଯାଇ ତୁମ୍ଭମାନଙ୍କ ନିମନ୍ତେ ସ୍ଥାନ ପ୍ରସ୍ତୁତ କଲେ ପୁନର୍ବାର ଆସିବି, ଆଉ ଯେପରି ସେହି ସ୍ଥାନରେ ଥାଏ, ତୁମ୍ଭେମାନେ ମଧ୍ୟ ଯେପରି ସେହି ସ୍ଥାନରେ ରହିବ, ସେଥି ନିମନ୍ତେ ତୁମ୍ଭମାନଙ୍କୁ ଆପଣା ନିକଟକୁ ଘେନିଯିବି । (ଯୋହନ ୧୪:୩)

ପ୍ରତିଜ୍ଞାତ ମଶୀହ ଊର୍ଦ୍ଧ୍ୱକୁ ନୀତ ହେଲେ, ଆଉ ଖଣ୍ଡେ ମେଘ ତାହାଙ୍କୁ ତାହାଙ୍କ ଶିଷ୍ୟମାନଙ୍କ ଦୃଷ୍ଟିଗୋଚରରୁ ଘେନିଗଲେ । ''ଦେଖ ଶୁକ୍ଳବସ୍ତ୍ର ପରିହିତ ଦୁଇଜଣ ପୁରୁଷ ସେମାନଙ୍କ ନିକଟରେ ଉପସ୍ଥିତ ହେଲେ ପୁଣି ସେମାନେ କହିଲେ, ହେ ଗାଲିଲୀୟ ଲୋକେ, କାହିଁକି ତୁମ୍ଭେମାନେ ଆକାଶ ଆଡ଼କୁ ଚାହିଁ ଠିଆ ହୋଇଅଛ ? ଏହି ଯେଉଁ ଯୀଶୁ ତୁମ୍ଭମାନଙ୍କ ନିକଟରୁ ସ୍ୱର୍ଗରେ ଗୃହୀତ ହେଲେ ତାହାଙ୍କୁ ତୁମ୍ଭେମାନେ ଯେଉଁ ପ୍ରକାରେ ସ୍ୱର୍ଗକୁ ଯିବାକୁ ଦେଖିଲ, ସେ ସେହି ପ୍ରକାରରେ ଆଗମନ କରିବେ'' (ପ୍ର:କା: ୧:୯-୧୧)

ବର୍ତ୍ତମାନ ଆମ୍ଭେମାନେ ଯୀଶୁଙ୍କ ଦ୍ୱିତୀୟ ଆଗମନର **ଅପେକ୍ଷାରେ** ଅଛୁ । ଯୀଶୁ ଆମ୍ଭମାନଙ୍କୁ କହିଅଛନ୍ତି, ''କିନ୍ତୁ ସେହି ଦିନ ଓ ଦଣ୍ଡ ବିଷୟରେ କେହି ଜାଣନ୍ତି ନାହିଁ, ସ୍ୱର୍ଗର ଦୂତମାନେ କିମ୍ୱା ପୁତ୍ର ସୁଦ୍ଧା ଜାଣନ୍ତି ନାହିଁ, କେବଳ ପିତା ଜାଣନ୍ତି ।....ଅତଏବ, ଜାଗ୍ରତ ଥାଅ କାରଣ ତୁମ୍ଭମାନଙ୍କ ପ୍ରଭୁ କେଉଁ ଦିନ ଆସିବେ, ତାହା ତୁମ୍ଭେମାନେ ଜାଣ ନାହିଁ ।'' (ମାଥିଉ ୨୪:୩୬,୪୨)

ଏହି ପ୍ରତିଜ୍ଞା ଯୀଶୁଖ୍ରୀଷ୍ଟ ଦୁଇ ହଜାର ବର୍ଷ ପୂର୍ବେ ଦେଇଥିଲେ । ଏବେ ପର୍ଯ୍ୟନ୍ତ ସେ ଆସି ନାହାନ୍ତି ବୋଲି ଅନେକ ଅପହାସ କରନ୍ତି । ପ୍ରଥମ ଥର ସେ ପ୍ରତିଜ୍ଞା କରି, ଏହି ଜଗତକୁ ଆସିଥିଲେ । ଦ୍ୱିତୀୟ ଥର ମଧ୍ୟ ନିଶ୍ଚିତ ଭାବେ ଆସିବେ। ପ୍ରେରିତ ପାଉଲ ଥେସଲନୀକି ମଣ୍ଡଳୀକୁ ଲେଖନ୍ତି, ''କାରଣ ପ୍ରଭୁ ଆପେ ଆଦେଶ ଦେଇ ପ୍ରଧାନ ଦୂତଙ୍କ ସ୍ୱର ଓ ଈଶ୍ୱରଙ୍କ ତୂରୀବାଦ୍ୟ ସହିତ ସ୍ୱର୍ଗରୁ ଅବତରଣ କରିବେ, ସେଥିରେ ଯେଉଁମାନେ ଖ୍ରୀଷ୍ଟଙ୍କ ଠାରେ ଥାଇ ମରିଅଛନ୍ତି, ସେମାନେ ପ୍ରଥମରେ ଉଠିବେ । ପରେ ଆମ୍ଭେମାନେ ଯେତେ ଲୋକ ଜୀବିତ ରହି ଅବଶିଷ୍ଟ ଥିବୁ, ପ୍ରଭୁଙ୍କ ସହିତ ସାକ୍ଷାତ କିବା ନିମନ୍ତେ ଆମ୍ଭେମାନେ ସେମାନଙ୍କ ସହ ମେଘମାଳାରେ ଶୂନ୍ୟମଣ୍ଡଳକୁ ନୀତ ହେବୁ । ଏହି ପ୍ରକାରେ ଆମ୍ଭେମାନେ ସର୍ବଦା ପ୍ରଭୁଙ୍କ ସହିତ ରହିବୁ । ଅତଏବ, ଏହି ସମସ୍ତ ବାକ୍ୟ ଦ୍ୱାରା ତୁମ୍ଭେମାନେ ପରସ୍ପରକୁ ସାନ୍ତ୍ୱନା ଦିଅ ।'' (୧ମ ଥେସ ୪:୧୬-୧୭)

**ସାରାଂଶ:-** ଛଅ ହଜାର ବର୍ଷ ଅପେକ୍ଷା ପରେ ସେ ଆସିଥିଲେ । ଯଦି ଆପଣ 'ସେ' ପ୍ରଥମ ଥର ଆସିଥିଲେ ବୋଲି ବିଶ୍ୱାସ କରୁଅଛନ୍ତି, 'ସେ' ଦ୍ୱିତୀୟ ଥର ମଧ୍ୟ ନିଶ୍ଚିତ ଭାବେ ବୋଲି ବିଶ୍ୱାସ କରିବା ଆବଶ୍ୟକ । ଆମ୍ଭେମାନେ ତାହାଙ୍କ ଦ୍ୱିତୀୟ ଆଗମନର ଅପେକ୍ଷାରେ ରହିଅଛୁ । ଏହା ତାହାଙ୍କ ଶେଷ ପ୍ରତିଜ୍ଞା ।....''ଆମ୍ଭେ ଶୀଘ୍ର ଆସୁଅଛୁ ।'' (ପ୍ର.ବା. ୨୨:୨୦) ପ୍ରେରିତ ଯୋହନ କହିଲେ, ''ଆମେନ୍, ହେ ପ୍ରଭୁ ଯୀଶୁ, ଆସନ୍ତୁ ।'' (ପ୍ର.ବା. ୨୨:୨୦)

***- Dennis Doughty***

❋❋❋

## ଈଶ୍ୱରଙ୍କ ସନ୍ତାନଗଣ
### ( The Sons of God )

''ଦେଖ, ପିତା ଆମ୍ଭମାନଙ୍କୁ କି ପ୍ରକାର ପ୍ରେମ କରିଅଛନ୍ତି ଯେ, ଆମ୍ଭେମାନେ ଈଶ୍ୱରଙ୍କ ସନ୍ତାନ ବୋଲି ଖ୍ୟାତ ହେବୁ, ଆଉ, ଆମ୍ଭେମାନେ ତାହାହିଁ ଅଟୁ । ଏଥି ସକାଶେ ଜଗତ ଆମ୍ଭମାନଙ୍କୁ ଚିହ୍ନୁ ନାହିଁ, କାରଣ ତାହା ତାହାଙ୍କୁ ଚିହ୍ନି ନ ଥିଲା ।'' (୧ମ ଯୋହନ ୩:୧) । ଈଶ୍ୱରଙ୍କର ଆପଣା ସନ୍ତାନମାନଙ୍କ ପ୍ରତି ଅପାର ପ୍ରେମ ବିଷୟରେ ପ୍ରେରିତ ଯୋହନ ଏଠାରେ ବର୍ଣ୍ଣନା କରନ୍ତି । ପରମେଶ୍ୱରଙ୍କ ଅପାର ପ୍ରେମ ଅତୁଳନୀୟ, ଅବର୍ଣ୍ଣନୀୟ । ତାହାଙ୍କ ଐଶ୍ୱରିକ ପରିବାରଭୁକ୍ତ ହେବା ସୌଭାଗ୍ୟର ବିଷୟ । ଆମ୍ଭେମାନେ ଏହିପରି ପ୍ରେମ, ଗୌରବ ପାଇବାର କି ଯୋଗ୍ୟ ? ଈଶ୍ୱରଙ୍କ ସନ୍ତାନ ହେବାର ସୌଭାଗ୍ୟମୟ ସ୍ଥିତି ଆମ୍ଭମାନଙ୍କ ହୃଦୟ ସ୍ପର୍ଶ କରେ ।

କିନ୍ତୁ କିଏ ଈଶ୍ୱରଙ୍କ ସନ୍ତାନରୂପେ ପରିଗଣିତ ହୁଏ ? ପ୍ରତ୍ୟେକ ମନୁଷ୍ୟ ଈଶ୍ୱରଙ୍କ ସନ୍ତାନ ବୋଲି ଅନେକଙ୍କ ମନୋଭାବ । କିନ୍ତୁ ପ୍ରତ୍ୟେକ ମନୁଷ୍ୟ ଈଶ୍ୱରଙ୍କ ସନ୍ତାନରୂପେ ପରିଗଣିତ ହୁଅନ୍ତି ନାହିଁ । ତେବେ କେଉଁମାନେ ଈଶ୍ୱରଙ୍କ ସନ୍ତାନରୂପେ ପରିଗଣିତ ? ପ୍ରେରିତ ପାଉଲ ରୋମୀୟ ୮:୧୪,୧୫ ପଦରେ କହନ୍ତି, ''ଯେଣୁ ଯେତେଲୋକ ଈଶ୍ୱରଙ୍କ ଆତ୍ମାଙ୍କ ଦ୍ୱାରା ଚାଳିତ ହୁଅନ୍ତି, ସେମାନେ ଈଶ୍ୱରଙ୍କ ସନ୍ତାନ, କାରଣ ତୁମ୍ଭେମାନେ ଭୟ କରିବା ନିମନ୍ତେ ଦାସତ୍ୱର ଆତ୍ମା ପାଇନାହଁ, କିନ୍ତୁ ପୁତ୍ରତ୍ୱର

ଆତ୍ମା ପାଇଅଛୁ, ତଦ୍ୱାରା ଆମ୍ଭେମାନେ ଆବ୍‌ବା, ପିତଃ ବୋଲି ଡାକିଥାଉ ।ଯେଉଁମାନେ ଆତ୍ମାଙ୍କ ଦ୍ୱାରା ଚାଳିତ ସେମାନେ ଈଶ୍ୱରଙ୍କ ସନ୍ତାନ । ବର୍ତ୍ତମାନ ଆମ୍ଭେମାନେ କିପରି ଆତ୍ମାଙ୍କ ଦ୍ୱାରା ପରିଚାଳିତ ହୋଇପାରିବା ? ଆତ୍ମାଙ୍କ ଶିକ୍ଷା ଯାହାକି ଈଶ୍ୱରଙ୍କ ବାକ୍ୟରେ ଲିଖିତ ଅଛି, ତାହାସବୁ ପାଳନ କରିବା ଦ୍ୱାରା ଯେଉଁମାନେ ବାଇବଲରେ ଲିଖିତ ବାକ୍ୟ ପାଳନ କରନ୍ତ. ସେମାନେ ହିଁ ଈଶ୍ୱରଙ୍କ ସନ୍ତାନରୂପେ ପରିଗଣିତ ହେବେ । ଯେଉଁମାନେ ସୁସମାଚାର ଆଜ୍ଞାବହ ହୋଇ ଈଶ୍ୱରଙ୍କ ପରିବାରରେ ପୁତ୍ରତ୍ୱ ପ୍ରାପ୍ତି ହୁଅନ୍ତି, ସେମାନଙ୍କ ନିମନ୍ତେ, ''ଈଶ୍ୱରଙ୍କ ସନ୍ତାନ'' ହେବାର ଅଧିକାର ସଞ୍ଚିତ ଅଛି । ପାଉଲ କହିଲେ,''କାରଣ ତୁମ୍ଭେମାନେ ପୁନଃର୍ବାର ଭୟ କରିବା ନିମନ୍ତେ ଦାସତ୍ୱର ଆତ୍ମା ପାଇନାହଁ, କିନ୍ତୁ ପୁତ୍ରତ୍ୱର ଆତ୍ମା ପାଇଅଛ, ତଦ୍ୱାରା ଆମ୍ଭେମାନେ ଆବ୍‌ବା, ପିତଃ ବୋଲି ଡାକିଥାଉଁ ।'' (ରୋମୀୟ ୮:୧୫) । ଯଦି ଆମ୍ଭେମାନେ ଈଶ୍ୱରଙ୍କ ପରିବାରଭୁକ୍ତ ଓ ପୁତ୍ରତ୍ୱର ଅଧିକାର ପାଇଅଛୁ, ତେବେ ବାକ୍ୟ କହେ, ''ଆଉ ଯଦି ସନ୍ତାନ, ତେବେ ଉତ୍ତରାଧିକାରୀ ଅର୍ଥାତ୍ ଯଦି ଖ୍ରୀଷ୍ଟଙ୍କ ସହିତ ଗୌରବାନ୍ୱିତ ମଧ୍ୟ ହେବା ନିମନ୍ତେ ଆମ୍ଭେମାନେ ତାହାଙ୍କ ସହିତ ଦୁଃଖଭୋଗ କରୁ । ତେବେ ଈଶ୍ୱରଙ୍କ ଉତ୍ତରାଧିକାରୀ ଓ ଖ୍ରୀଷ୍ଟଙ୍କ ସହ ଉତ୍ତରାଧିକାରୀ ଅଟୁ ।'' (ରୋମୀୟ ୮:୧୭)

ଈଶ୍ୱରଙ୍କ ପ୍ରେମ ଅପାର, ଯେଉଁମାନେ ତାହାଙ୍କ ଆଜ୍ଞା ପାଳନ କରନ୍ତି, ସେମାନେ ପୁତ୍ରତ୍ୱର ଅଧିକାର ପ୍ରାପ୍ତ ହୋଇ, ତାହାଙ୍କ ପରିବାରଭୁକ୍ତ । ପୁତ୍ରତ୍ୱର ଅଧିକାର ପ୍ରାପ୍ତ ହୋଇ ମନୁଷ୍ୟ, ଈଶ୍ୱରଙ୍କ ସନ୍ତାନ ରୂପେ ପରିଗଣିତ ହୁଏ । ଈଶ୍ୱର ସନ୍ତାନମାନେ ଉତ୍ତରାଧିକାରୀ ଓ ଖ୍ରୀଷ୍ଟଙ୍କ ସହ ଉତ୍ତରାଧିକାରୀ । ''ଆଉ ଯଦି ସନ୍ତାନ, ତେବେ ଉତ୍ତରାଧିକାରୀ ଅର୍ଥାତ୍ ଯଦି ଖ୍ରୀଷ୍ଟଙ୍କ ସହିତ ଗୌରବାନ୍ୱିତ ମଧ୍ୟ ହେବା ନିମନ୍ତେ ତାହାଙ୍କ ସଙ୍ଗରେ ଦୁଃଖଭୋଗ କରୁ, ତେବେ ଈଶ୍ୱରଙ୍କ ଉତ୍ତରାଧିକାରୀ ଓ ଖ୍ରୀଷ୍ଟଙ୍କ ଉତ୍ତରାଧିକାରୀ ଅଟୁ ।। କାରଣ ମୋ ବିଚାରରେ, ଯେଉଁ ଗୌରବ ଆମ୍ଭମାନଙ୍କ ପ୍ରତି ପ୍ରକାଶିତ ହେବ ତାହା ତୁଳନାରେ ଏହି ବର୍ତ୍ତମାନ କାଳର ଦୁଃଖଭୋଗ କିଛି ହିଁ ନୁହେଁ ।'' (ରୋମୀୟ ୮:୧୭,୧୮) ଈଶ୍ୱରଙ୍କ ସନ୍ତାନମାନଙ୍କୁ ଇହଜୀବନରେ କିଛି କିଛି ଦୁଃଖଭୋଗ କରିବାକୁ ହେବ । ପ୍ରେରିତ ପାଉଲ ତୀମଥିଙ୍କୁ ଲେଖନ୍ତି, ''ପ୍ରକୃତରେ ଯେଉଁମାନେ ଖ୍ରୀଷ୍ଟଯୀଶୁଙ୍କ ସହଭାଗିତାରେ ଧର୍ମ ଜୀବନଯାପନ କରିବାକୁ ଇଚ୍ଛା କରନ୍ତି, ସେମାନେ ତାଡ଼ନା ଭୋଗ କରିବେ ।'' (୨ୟ ତୀମଥି ୩:୧୨) । ଯେଉଁମାନେ

ତାଡ଼ନା ଭୋଗ କରିବେ । ଶେଷରେ ସେମାନେ ଗୌରବାନ୍ୱିତ ହେବେ । ପ୍ରେରିତ ପିତର କହିଲେ, ''କିନ୍ତୁ ଯଦି କେହି ଖ୍ରୀଷ୍ଟିୟାନ ହେବାରୁ ଦଣ୍ଡଭୋଗ କରେ, ତାହାହେଲେ ସେ ଲଜ୍ଜାବୋଧ ନ କରୁ, ବରଂ ଏହି ନାମ ହେତୁରୁ ଈଶ୍ୱରଙ୍କ ମହିମା କୀର୍ତ୍ତନ କରୁ । (୧ମ ପିତର ୪:୧୬) । ଆମ୍ଭେମାନେ ଖ୍ରୀଷ୍ଟଙ୍କ ନିମନ୍ତେ ତାଡ଼ନା ସହ୍ୟ କରି, ପିତା ପରମେଶ୍ୱରଙ୍କୁ ମହିମାନ୍ୱିତ କରୁ ।

ଦେଖ, ପିତା ପରମେଶ୍ୱରଙ୍କ ପ୍ରେମ ଆପଣା ସନ୍ତାନମାନଙ୍କ ପ୍ରତି । ''ଦେଖ ଅର୍ଥାତ୍ ତାହାଙ୍କ ପ୍ରେମ ପ୍ରତି ଧ୍ୟାନ ଦିଅ । ଆମ୍ଭେମାନେ ଏହି ଜଗତର ପାପରେ ପତିତ ହେବା ସମୟରେ ସେ ଆମ୍ଭମାନଙ୍କୁ ବିମୋଚନ କରି, ଆପଣା ପରିବାର ଭୁକ୍ତ କରିଅଛନ୍ତି । ତେଣୁକରି ଆମ୍ଭେମାନେ, ''ଈଶ୍ୱରଙ୍କ ସନ୍ତାନ'' ହୋଇ ସ୍ୱର୍ଗୀୟ ପିତାଙ୍କ ସକଳ ଆଶୀଷ ଓ ଏକ ସ୍ୱର୍ଗୀୟ ଗୃହ ପ୍ରାପ୍ତ ହୋଇଅଛୁ । ଏଫିସୀ ୧:୫ ପଦରେ ପଢୁ, ''ସେ ଆମ୍ଭମାନଙ୍କୁ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଅପାଣା ନିମନ୍ତେ ପୁତ୍ର କରିବାକୁ ଆପଣା ସ୍ୱଚ୍ଛନ୍ଦ ଇଚ୍ଛାନୁସାରେ ଆମ୍ଭମାନଙ୍କୁ ପ୍ରେମରେ ପୂର୍ବରୁ ନିରୂପଣ କଲେ । ପ୍ରେମମୟ ପିତା ଆପଣା ସ୍ୱଚ୍ଛନ୍ଦ ଇଚ୍ଛାନୁସାରେ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଆମ୍ଭମାନଙ୍କୁ ପୁତ୍ରତ୍ୱର ଅଧିକାର ଦେଇଅଛନ୍ତି । ଖ୍ରୀଷ୍ଟଙ୍କ ଦ୍ୱାରା ଆମ୍ଭେମାନେ ପୁତ୍ର ହେବାର ଅଧିକାର ପ୍ରାପ୍ତ ହୋଇଅଛୁ ।

କାଳ ସମ୍ପୂର୍ଣ୍ଣ ହୁଅନ୍ତେ, ଈଶ୍ୱର ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଏହି ଜଗତକୁ ପ୍ରେରଣ କଲେ । (ଗାଲାତୀ ୪:୪) । ''ଯେପରି ସେ ମୂଲ୍ୟ ଦେଇ ବ୍ୟବସ୍ଥାଧିନ ଲୋକମାନଙ୍କୁ ମୁକ୍ତ କରନ୍ତି, ପୁଣି ଆମ୍ଭେମାନେ ପୁତ୍ରତ୍ୱର ଅଧିକାର ପ୍ରାପ୍ତ ହେଉ । ଆଉ ତୁମ୍ଭେମାନେ ପୁତ୍ର, ଏଥି ସକାଶେ ଈଶ୍ୱର ଆପଣା ନିକଟରୁ ନିଜ ପୁତ୍ରଙ୍କ ଆତ୍ମାଙ୍କୁ ଆମ୍ଭମାନଙ୍କ ହୃଦୟକୁ ପ୍ରେରଣ କଲେ; ସେହି ଆତ୍ମା ଆବ୍ବା, ପିତଃ ବୋଲି ଡାକନ୍ତି । ଏଣୁ ତୁମ୍ଭେ ଆଉ ଦାସ ନୁହଁ, କିନ୍ତୁ ପୁତ୍ର, ପୁଣି ଯଦି ପୁତ୍ର, ତେବେ ଈଶ୍ୱରଙ୍କ କର୍ତ୍ତୃକ ଉତ୍ତରାଧିକାରୀ । (ଗାଲାତୀ ୪:୫-୭) । ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଆମ୍ଭେମାନେ ପୁତ୍ରତ୍ୱର ଅଧିକାର ପାଇଅଛୁ ।

ନିଶ୍ଚିତ ଭାବେ, ''ଦେଖ, ଆମ୍ଭମାନଙ୍କୁ କି ପ୍ରକାର ପ୍ରେମ ଦାନ କରିଅଛନ୍ତି ଯେ, ଆମ୍ଭେମାନେ ଈଶ୍ୱରଙ୍କ ସନ୍ତାନ ବୋଲି ଖ୍ୟାତ ହେବୁ, ଆଉ ଆମ୍ଭେମାନେ ତାହା ହିଁ ଅଟୁଁ । (୧ମ ଯୋହନ ୩:୧)

**- Demar Elam**

❋❋❋

# Every Child Will Follow Someone

**Earlene Rose**

Every child will follow someone,
We never know just whose
Life will be his pattern;
Whose examples he will use.

A son may mimic father,
Try to copy how he walks;
Listen to his father's stories;
Use his language when he talks.

A daughter may use mother
To set her standards by,
And things she sees her mother do
Are things she wants to try.

Whether relative or neighbor,
A pattern you may be.
Every child will follow someone,
And it might be you or me.